ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଶ୍ରୀମତୀ କମଲା ଦେବୀ ଏବଂ ଅନ୍ୟଜଣେ ।

9, ମେ 1996

[କେ. ରାମସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ,ନ୍ୟାୟାଧୀଶବୃନ୍ଦ ]

*ସେବା ଆଇନ :*

*ଉତ୍ତର ପ୍ରଦେଶ ଅସ୍ଥାୟୀ ସରକାରୀ ସେବା ନିୟମ, 1975*

*ନିୟମ 14 (a) କାମଚଳା ଭିତ୍ତିରେ ନିଯୁକ୍ତ କର୍ମଚାରୀ-ସେବାରେ ବାରମ୍ବାର ଅନୁପସ୍ଥିତି-ନିଯୁକ୍ତି ପତ୍ର ଆଧାରରେ ସେବା ସମାପ୍ତ ହୋଇଛି-ପୁନଃସ୍ଥାପନ ଏବଂ ପିଛିଲା ମଜୁରୀ ଫେରସ୍ତ ପାଇଁ ଦାବି-ସମ୍ବିଧାନର ଧାରା 311 (2) ର ଉଲ୍ଲଂଘନ ବୋଲି ବିବେଚନା କରି ସମାପ୍ତି ଆଦେଶକୁ ନ୍ୟାୟାଧିକାରଣଙ୍କ ଦ୍ୱାରା ଖାରଜ କରାଯାଇଥିଲା-ନିର୍ଣ୍ଣିତ, ଯେତେବେଳେ ସରକାର ବୈଧାନିକ କ୍ଷମତା ପ୍ରୟୋଗ କରନ୍ତି, ସେତେବେଳେ ଧାରା 311 (2) ଅନୁଯାୟୀ କଳ୍ପିତ ତଦନ୍ତକୁ ଆବଶ୍ୟକ ପ୍ରଭାବ ଦ୍ୱାରା ଦୂର କରାଯାଇଥିଲା ।*

*ଭାରତର ସମ୍ବିଧାନ, 1950 ।*

ଧାରା 311 (2)-ତଦନ୍ତ ବିନା କାମଚଳା କର୍ମଚାରୀଙ୍କ ସେବା ସମାପ୍ତି-ଉତ୍ତର ପ୍ରଦେଶ କାମଚଳା ସରକାରୀ ସେବା ନିୟମ, 1975-ର ନିୟମ 14 (a) ଅନୁଯାୟୀ କ୍ଷମତା ପ୍ରୟୋଗ କରି କାମଚଳା ଆଧାରରେ ନିଯୁକ୍ତ କର୍ମଚାରୀଙ୍କ ସେବା ସମାପ୍ତ କରିଥିଲେ-ନିର୍ଣ୍ଣିତ, ବୈଧାନିକ କ୍ଷମତା ପ୍ରୟୋଗକୁ ଦୃଷ୍ଟିରେ ରଖି, ସମାପ୍ତି ଆଦେଶ ଧାରା 311 (2) ର ଉଲ୍ଲଂଘନ ନୁହେଁ ।

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 8996/1996 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 1589(ss)/1994 ରେ ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 5.4.1994 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଇରଶାଦ ଅହମ୍ମଦ ।

ଉତ୍ତରଦାତାମାନଙ୍କ ପାଇଁ ପ୍ରବୀର ଚୌଧୁରୀ ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କୁ ଶୁଣିଛୁ ।

ଯଦିଓ 1972 ମସିହା ଫେବୃଆରୀ 14 ତାରିଖରେ କାମଚଳା ଭିତ୍ତିରେ ଉତ୍ତରଦାତାଙ୍କୁ ନିଯୁକ୍ତ କରାଯାଇଥିଲା, ତାଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଯାଇଥିଲା, ଯେଉଁ ସମୟରେ ସେ ଛୁଟିରେ ରହିଥିଲେ କିମ୍ବା ତାଙ୍କ ଜନ୍ମସ୍ଥାନ ଲଖିମପୁର ଖେରି ନିକଟବର୍ତ୍ତୀ ସ୍ଥାନରେ ଯୋଗଦେବା ବ୍ୟତୀତ କର୍ତ୍ତବ୍ୟରୁ ପଳାୟନ କରିଥିଲେ । ଫଳସ୍ୱରୂପ କର୍ତ୍ତୃପକ୍ଷ, 23 ସେପ୍ଟେମ୍ବର 1980 ରେ ନିଯୁକ୍ତି ପତ୍ରର ନିୟମ ଅନୁଯାୟୀ ତାଙ୍କ ସେବା ସମାପ୍ତ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଉତ୍ତରଦାତା ପୂର୍ବ ମଜୁରୀ ସହିତ ପୁନଃସ୍ଥାପନ ପାଇଁ ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ । ଉତ୍ତରଦାତାଙ୍କ ବିରୋଧରେ କୌଣସି ତଦନ୍ତ କରାଯାଇନଥିବାରୁ ଏହି ସେବା ସମାପ୍ତି, ସମ୍ବିଧାନର ଧାରା 311 (2) ର ଉଲ୍ଲଂଘନ ବୋଲି ଦର୍ଶାଇ ନ୍ୟାୟାଧିକରଣ ସମାପ୍ତି ଆଦେଶ ବାତିଲ କରିଦେଇଛନ୍ତି । 1994 ମସିହା ଏପ୍ରିଲ 5 ତାରିଖରେ ପାରିତ ହୋଇଥିବା ଆଜ୍ଞାଦେଶ ଆବେଦନ ସଂଖ୍ୟା 1589 (SS)/94ର ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ଏହାକୁ କାଏମ ରଖିଥିଲେ ।

ତେଣୁ ପ୍ରଶ୍ନ ହେଉଛି, ବୈଧାନିକ ନିୟମ ସହିତ ପଢାଯାଇଥିବା ଧାରା 311 (2) ଅନୁଯାୟୀ ଅନୁଯାୟୀ ତଦନ୍ତ କରିବା, ସରକାରଙ୍କ ପାଇଁ ଆବଶ୍ୟକ କି?ଉତ୍ତର ପ୍ରଦେଶ ରାଜ୍ୟରେ ବୈଧାନିକ ନିୟମ ରହିଛି, ଯଥା, ଉତ୍ତର ପ୍ରଦେଶ ଅସ୍ଥାୟୀ ସରକାରୀ ସେବା ନିୟମ, 1975 । ଉକ୍ତ ନିୟମର ନିୟମ 14 (a) ରେ ଅସ୍ଥାୟୀ ସରକାରୀ କର୍ମଚାରୀଙ୍କ ଚାକିରିକୁ ଏକ ମାସର ନୋଟିସ୍ କିମ୍ବା ତା ବଦଳରେ ଦରମା ସହିତ ସମାପ୍ତ କରିବାର ବ୍ୟବସ୍ଥା ରହିଛି ।

ଏହି ପରିସ୍ଥିତିରେ, ଯେତେବେଳେ ସରକାର ବୈଧାନିକ କ୍ଷମତା ପ୍ରୟୋଗ କରିଥିଲେ, ଅନୁଚ୍ଛେଦ 311 (2) ଅନୁଯାୟୀ ଆବଶ୍ୟକ ପ୍ରଭାବ ଦ୍ୱାରା ଅନୁସନ୍ଧାନ କରିବାର ଆବଶ୍ୟକତା ଦୂର ହୋଇଥିଲା ।ତେଣୁ, ଅସ୍ଥାୟୀ ସରକାରୀ କର୍ମଚାରୀଙ୍କ ସେବାକୁ ମଧ୍ୟ ବରଖାସ୍ତ କରିବା ପାଇଁ ଧାରା 311 (2) ଅନୁଯାୟୀ ତଦନ୍ତ କରାଯିବା ଆବଶ୍ୟକ ବୋଲି ଉଚ୍ଚ ନ୍ୟାୟାଳୟ କହିଛନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ତେବେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ ସେବା ଜାରି ରଖିବା ସମୟରେ ଉତ୍ତରଦାତାଙ୍କୁ ଦିଆଯାଇଥିବା କୌଣସି ଦରମା ତାଙ୍କଠାରୁ ଆଦାୟ କରାଯିବ ନାହିଁ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ପ୍ରଦାନ କରାଯାଇନାହିଁ ।

ଆର୍. ପି                                        ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।